## ପିକ୍‌ଅପ୍‌ରେ ଛେଳି, ମେଣ୍ଢା ଚୋରି

# ଗୋଡ଼ାଇ ଗୋଡ଼ାଇ ଧରିଲେ ଗ୍ରାମବାସୀ; ଜଣେ ଗିରଫ

ବ୍ରହ୍ମପୁର,୨୨।୧୨(ସମିସ)



ଗୋପାଳପୁର ଥାନା ଅନ୍ତର୍ଗତ ବିକ୍ରମପୁର ଗ୍ରାମରୁ ଗତକାଲି ରାତିରେ ଛେଳି, ମେଣ୍ଢା ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନାପ୍ରକାରେ ସେହି ଗ୍ରାମର ଏମ୍. ରାଜେୟା ପାତ୍ର ଗ୍ରାମ ନିକଟରେ ପ୍ରାୟ ୩ ଶହ ଛେଳି, ମେଣ୍ଢା ରଖି ଜୀବିକା ନିର୍ବାହ କରୁଥିଲେ। ତାହାର ଦାୟିତ୍ୱ ନେବାକୁ ଭଣଜା ଏ. ସାକିଲ ପାତ୍ରଙ୍କୁ ଦେଇଥିଲ। ରବିବାର ରାତ୍ର ପ୍ରାୟ ସାଢେ ଗୋଟାଏରେ ଛେଳି ରଖିଥିବା ସ୍ଥାନକୁ ଗୋଟିଏ କାର୍ ସହ ପିକ୍‌ଅପ୍ (ନଂ.ଓଡି୦୭ଜି-୬୬୫୨)ରେ ୫ରୁ ଉର୍ଦ୍ଧ୍ୱ ଲୋକ ଆସି ସାକିଲକୁ ମାର୍‌ପିଟ୍ କରି ଛେଳି, ମେଣ୍ଢା ନେଇଯାଇଥିଲେ। ସେଠାରୁ ଭଣଜା ଦୌଡ଼ି ଆସି ଗ୍ରାମର କିଛି ଲୋକଙ୍କୁ ଡାକିଥିଲା। ଗାଁ ଲୋକ ପହଁଚିବା ବେଳକୁ ସେମାନେ ସେଠାରୁ ଛେଳି, ମେଣ୍ଢା ଧରି ଚମ୍ପଟ ମାରିଥିଲେ। ପରେ ଗ୍ରାମର କିଛି ଲୋକ ବାଇକ୍‌ରେ ପିଛା କରି ସେମାନଙ୍କୁ ଗୋପାଳପୁର ଛକରେ କାବୁ କରିଥିଲେ। ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ସମୟରେ ପିକ୍‌ଅପ୍‌ରେ ଆସିଥିବା ଚାଳକ କାରରେ ବସି ଚମ୍ପଟ ମାରିଥିଲା। ପରେ ଗାଡ଼ି ସହ ଛେଳି, ମେଣ୍ଢା ଆଣି ଗୋପାଳପୁର ଥାନାରେ ଜିମା ଦେଇଥିଲେ। ତା'ସହ ଗୋଳନ୍ଥରା ଥାନା ଅଂଚଳର ମାଝିଗାଁର ପ୍ରାୟ ୧୨ଟି ଛେଳି, ମେଣ୍ଢା ଚୋରି ହୋଇଥିବା ଓ ବିକ୍ରମପୁର ଗ୍ରାମର ୬ଟି ଛେଳି, ମେଣ୍ଢା ମୋଟ ୧୮ଟି ଛେଳି, ମେଣ୍ଢା ଚୋରି ହୋଇଥିବା ଏମ. ରାଜେୟା ପାତ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଗାଡ଼ିକୁ ଜବତ କରି ୧୮ ଟି ଛେଳି, ମେଣ୍ଢାକୁ ମାଲିକକୁ ହସ୍ତାନ୍ତର କରିବା ସହ ଜଣକୁ ଅଟକ ରଖି ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରୁଥିବା ପୁଲିସ କହିଛି।

## ● ଲାଞ୍ଜିପଲ୍ଲୀ ମ୍ୟୁନିସିପାଲିଟି କଲୋନୀ ଜବରଦଖଲ ଉଚ୍ଛେଦ ମାମଲା

# ଆବେଦନକାରୀଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି

ବ୍ରହ୍ମପୁର,୨୨।୧୨(ସମିସ): ବ୍ରହ୍ମପୁର ମହାନଗର ନିଗମର ଲାଞ୍ଜିପଲ୍ଲୀ ରାମନଗର ସ୍ଥିତ ମ୍ୟୁନିସିପାଲଟି କଲୋନୀରୁ ଜବରଦଖଲକାରୀଙ୍କୁ ହଟାଇବା ପ୍ରସଙ୍ଗରେ କ୍ଷତିଗ୍ରସ୍ତଙ୍କ ପିଟିସନକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ପିଟିସନର ଶୁଣାଣି କରି ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଆବେଦନକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଆବେଦନକାରୀ ବିପିନ ବିହାରୀ ଦାଶଙ୍କୁ କୋର୍ଟରୁ ଏହି ମାମଲାରେ ସାମୟିକ ଆଶ୍ୱସ୍ତି ମିଳିଥିବା ଜଣାପଡିଛି। ପ୍ରକାଶ ଯୋଗ୍ୟ ଯେ' ଲାଞ୍ଜିପଲ୍ଲୀ ରାମନଗରରେ ବିଇଏମସିର ୭୨ଟି କ୍ୱାର୍ଟର ରହିଛି। ସେଗୁଡିକୁ ବିଭିନ୍ନ ଲୋକ ନିଜ ଅକ୍ତିଆରରେ ରଖିଥିବା ଅଭିଯୋଗ ଆସିବା ପରେ ନିଗମ ପକ୍ଷରୁ ସର୍ଭେ କରାଯାଇଥିଲା। ମୋଟ ୭୨ଟି କ୍ୱାର୍ଟର ମଧ୍ୟରୁ ୪୬ଟି କ୍ୱାର୍ଟର ଜବରଦଖଲରେ ଥିବା ଜଣାପଡିଥିଲା। ସମସ୍ତଙ୍କୁ ସପ୍ତାହକ ନୋଟିସ ଦେଇ ତୁରନ୍ତ ଘର ଖାଲି କରିବାକୁ କୁହାଯାଇଥିଲା। ତେବେ ଇତି ମଧ୍ୟରେ ବିଇଏମସିର ପଦକ୍ଷେପକୁ ବିରୋଧ କରି ବିପିନ ବିହାରୀ ଦାଶ ନାମକ ଜଣେ ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବଂ ହାଇକୋର୍ଟ ଆବେଦନକାରୀଙ୍କ ପିଟିସନକୁ ଗ୍ରହଣ କରି ଆସନ୍ତା ୬ତାରିଖ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ନକରିବାକୁ ବିଇଏମବସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସେପଟେ ମାମଲାର ପରବର୍ତ୍ତି ଶୁଣାଣି ଆସନ୍ତା ୬ତାରିଖରେ ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡିଛି।

## ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

କୋଦଳା,୨୨।୧୨(ସମିସ): କୋଦଳା ଥାନା ଅନ୍ତର୍ଗତ କଞ୍ଚଣା ପଞ୍ଚାୟତ ଭାଟପଡା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମାତ୍ର ୨ ହଜାର ଟଙ୍କା ଲାଗି ହତ୍ୟା କରାଯାଇଥିଲା। ଗତ ୧୬ ଏପ୍ରିଲ୍ ୨୦୨୧ରେ ଘଟିଥିବା ଏହି ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। କୋଦଳା ସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଶ୍ୱ ରଞ୍ଜନ ବେହେରା ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତ ଏ.ବରିଡ଼ା ଗ୍ରାମର ରାଧାକୃଷ୍ଣ ସାହୁ ଓରଫ ଦହିକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରକାଶ ଯେ, ରାଧାକୃଷ୍ଣ ବାହାର ରାଜ୍ୟକୁ ଶ୍ରମିକ ନେଉଥିବା ବେଳେ କୋଦଳା ଥାନା ଭାଟପଡା ଗ୍ରାମର ଟୁକୁନା ଛାଟଇ ତାଙ୍କୁ ୨ ହଜାର ଟଙ୍କା ଦେବାକୁ ବାକିଥିଲା। ୧୬ ଏପ୍ରିଲ୍ ୨୦୨୧ରେ ଟୁକୁନା ଅଭିଯୁକ୍ତର ରାଧାକୃଷ୍ଣର ଗାଁ ଏ.ବରିଡାକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଛୁରି ଭୂସି ସେ ହତ୍ୟା କରିଥିଲେ। ମୃତକଙ୍କ ବାପା ଜୟରାମ ଏନେଇ ଥାନାରେ ଏତଲା ଦେଇଥିଲେ। ୧୬ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଏହି ରାୟ ଶୁଣାଇଛନ୍ତି। ଧାରା ୩୦୨ରେ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଜରିମାନା ଏବଂ ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ହୋଇଥିବା ବେଳେ ଧାରା ୩୨୪ରେ ୧ ବର୍ଷ ଜେଲ ଦଣ୍ଡାଦେଶ ସହ ୧ ହଜାର ଜରିମାନା ଏବଂ ଅନାଦାୟରେ ଅଧିକ ୨ ମାସ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ରହିଛି। ମାମଲାକୁ ସରକାରୀ ଅତିରିକ୍ତ ପିପି ସୁବାସ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ଭେଲିଡେସନ ଆକ୍ଟ-୨୫ ବାତିଲ ଦାବିରେ ଆନ୍ଦୋଳନ ଡକରା

ବ୍ରହ୍ମପୁର,୨୨।୧୨(ସମିସ): ସର୍ବଭାରତୀୟ ରାଜ୍ୟ ଫେଡେରେସନର କାର୍ଯ୍ୟକାରୀ ବୈଠକ ବିଜୟୱାଡା ସଂଘ ସଭାପତି ପି. କେ. ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡି, ସୁଧାକର, ଏସଏସ. ଦୁବେ, ଆନ୍ଧ୍ର ସଂଘ ଚେୟାରମ୍ୟାନ୍ ଭି ଭେଙ୍କଟସ୍ୱରଲୁ, ଜି ପୂର୍ଣ୍ଣଚନ୍ଦ୍ର ରାଓ ମଞ୍ଚାସିନ ଥିଲେ। କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟଙ୍କ ସହ ଓଡିଶାର ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା ଉପସ୍ଥିତ ରହି ସମସ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପେନସନ ଅଧିକାରକୁ ସଙ୍କୁଚିତ କରିବା ଓ ଗଣତାନ୍ତ୍ରିକ ଅଧିକାରକୁ ବାଦଦେଇ ନିଜ ଇଚ୍ଛାରେ ପରିଚାଳନା ପାଇଁ ଭେଲିଡେସନ ଆକ୍ଟ ୨୦୨୫ ସଂସଦରେ ପାରିତ କରାଇ ଆତଙ୍କ ସୃଷ୍ଟି କରିଥିବା ଶ୍ରୀ ଖାଡ଼ଙ୍ଗା କହିଛନ୍ତି। ଏହି ଆଇନ ପୁନଃବିଚାର ପାଇଁ ବହୁ ଆଗରୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଲିଖିତ ଭାବେ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଦିଆଯାଇଥିଲା। ଗତ ଡିସେମ୍ବର ୧୭ତାରିଖ ଦିନ ପେନସନରସ ଡେ ପାଳନ ଅବସରରେ ଆକ୍ଟ ୨୫କୁ ପୁନଃବିଚାର ଓ ବାତିଲ କରିବା ପାଇଁ ଦେଶର ସମସ୍ତ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ଅର୍ଥମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଦାବିପତ୍ର ଦିଆଯିବା ବିଷୟ ସମ୍ପାଦକ ଅବଗତ କରାଇଥିଲେ। ଏନେଇ ଆସନ୍ତା ମାର୍ଚ୍ଚ ମାସରେ କଳାବ୍ୟାଜ ପିନ୍ଧି ରାମଲୀଳା ମଇଦାନରେ ଧାରଣ ଓ ଧର୍ମଘଟ କରିବାକୁ ପ୍ରସ୍ତାବ ଆଗତ କରି ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଥିଲା। ସଭାରେ ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ,ତେଲେଙ୍ଗାନା, ଉତ୍ତରପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟ ସହ ଓଡିଶା ପ୍ରତିନିଧି କେନ୍ଦ୍ର ସଂଘ ନିର୍ଦ୍ଦେଶକୁ ପାଳନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ସଂଘର ନିର୍ଦ୍ଦେଶକୁ ଆଗାମୀ ଦିନରେ ପାଳନ ନିମନ୍ତେ ଓଡିଶା ସେବା ନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଂଚ ଗଞ୍ଜାମ ଜିଲ୍ଲାର ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ଅଶୋକ କୁମାର ଦଳାଇ, ରାଜ୍ୟ କାଯର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର କୁମାର ପଣ୍ଡା, ବିଭୂତି ଭୂଷଣ ଜେନା, ସହ ସମ୍ପାଦକ ମିହିର କାନ୍ତ ମହାପାତ୍ର, ଉପ-ସଭାପତି ସୁବାସ ଚନ୍ଦ୍ର ମିଶ୍ର, ଶିକ୍ଷକ ମହାସଂଘ ଅଧ୍ୟକ୍ଷ କାମରାଜୁ ମହାରଣା, ଇ.କନ୍ୟାକୁମାରୀ ପ୍ରମୁଖ ଘୋଷଣା କରିଥିଲେ।




## ଦୁର୍ଘଟଣାରେ ଛାତ୍ର ମୃତ, ୪ ଆହତ

ଛତ୍ରପୁର/ହୁମ୍ମା,୨୨।୧୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ବି.କାଇଁଚପୁର ଛକରେ ୨ ବାଇକ୍ ସହ କାର୍ ଧକ୍କା ହେବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତ ଛାତ୍ର ଜଣକ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଏନ.ନୂଆଗାଁର କେ. ଶୁଭମ ରେଡ୍ଡୀ। ସେ ଖଣ୍ଡିଦେଉଳି ସହିଦ ଭଗତ୍ ସିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତଦୁଇ ପଢୁଥିଲେ। ଏହା ସହ ଏସ. ପ୍ରସାଦ ନାମକ ଛାତ୍ର ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବେଳେ ବିବେକ ଗୌଡ଼, ଲିପୁ ଗୌଡ଼ ଓ ରୁଦ୍ର ବାଡ଼ତ୍ୟା ନାମକ ୩ ଛାତ୍ର ଆହତ ହୋଇଛନ୍ତି। ଦୁଇଟି ବାଇକ ଯୋଗେ ୫ ଛାତ୍ର ଖଣ୍ଡିଦେଉଳି ସ୍ଥିତ ସହିଦ ଭଗତ ସିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଇଣ୍ଟରନାଲ ପରୀକ୍ଷା ସାରି ଘରକୁ ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିବା ସୂଚନା ଦେଇଛନ୍ତି ବିଦ୍ୟାଳୟ ପ୍ରିନ୍ସପାଲ୍ ସରୋଜ କୁମାର ଦାଶ। ଘଟଣାପରେ ସ୍ଥାନୀୟ ବାସିନ୍ଦା ହୁମ୍ମା ଓ ପୁରୁଷୋତ୍ତମପୁର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଏସ୍‌ଡ଼ିପିଓ ଚନ୍ଦନ କୁମାର ଘଡ଼ାଇ, ରମ୍ଭା ଥାନାଧିକାରୀ କୁମାର ବିଶ୍ୱାଳ ପ୍ରମୁଖ ପହଞ୍ଚିଥିଲେ। ପୁଲିସ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଏହା ସହ ରମ୍ଭା ପୁଲିସ ଶୁଭମ୍‌ଙ୍କ ମୃତଦେହ ଜବତ କରି ବ୍ୟବଛେଦ ନିମନ୍ତେ ପଠାଇଥିଲେ।

## ଚେନ୍ନଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବେଲଗୁଣ୍ଠା,୨୨।୧୨(ସମିସ): ବେଲଗୁଣ୍ଠା ବ୍ଲକ ଉଦ୍ଧୁରା ପଞ୍ଚାୟତର ନାୟକପଡ଼ା ବୈଦ୍ୟନାଥ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରୁଥିବା ସୂର୍ଯ୍ୟନାରାୟଣ ରଣାଙ୍କ ଦ୍ୱିତୀୟ ପୁତ୍ର ଉତ୍ତମ ପ୍ରସାଦ ରଣା ଚେନ୍ନାଇରେ ଏକ ଟ୍ରାକ୍ଟର୍ ପାର୍ଟ୍ସ ନିର୍ମାଣ କମ୍ପାନିରେ କିଛି ଦିନ ହେବ କାର୍ଯ୍ୟ କରୁଥିଲେ। ସାତ/ଆଠ ଦିନ ତଳେ ଉତ୍ତମଙ୍କୁ ଜ୍ୱର ହେବାରୁ ତାଙ୍କୁ ସ୍ଥାନୀୟ ଏକ ଘରୋଇ କ୍ଲିନିକ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନରେ ଉତ୍ତମଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ତାଙ୍କ ସମ୍ପର୍କୀୟ ଭାଇ କମ୍ପାନି କର୍ତ୍ତୃପକ୍ଷଙ୍କ ଯୋଗାଯୋଗ କରି ଆଜି ସକାଳେ ବିମାନ ଯୋଗେ ଉତ୍ତମଙ୍କ ଶବକୁ ଭୁବନେଶ୍ୱର ଅଣାଯାଇ ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ନିଜ ଗ୍ରାମ ନାୟକପଡ଼ାକୁ ଅଣାଯାଇଥିଲା। ଶବ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନରେ ଉତ୍ତମଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ସାନଖେମୁଣ୍ଡି,୨୨।୧୨(ସମିସ): ତାମିଲନାଡୁରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ନୂଆଗାଁ ଗ୍ରାମର ଅରକ୍ଷୀତ ନାୟକ(୨୦)। ସେ ତାମିଲନାଡୁ ତ୍ରିପୁର କାଙ୍ଗି ଅଞ୍ଚଳରେ କାମ କରୁଥିଲେ। ସୋମବାର ଅରକ୍ଷୀତଙ୍କ ଦେହ ଖରାପ ଥିବାରୁ ସାଥୀ ଶ୍ରମିକମାନେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପରିବାର ଲୋକେ ଖବର ପାଇବା ପରେ ମୃତ ଶରୀରରକୁ ଭିଟାମାଟିକୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ। ଅରକ୍ଷୀତଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଥିବା ବେଳେ ସେ ଘରର ଏକମାତ୍ର ରୋଜଗାରିଆ ଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡ଼ିଥିବାବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଘରେ ପଶି ସୁନା ଓ ଟଙ୍କା ଲୁଟ୍

କୋଦଳା,୨୨।୧୨(ସମିସ): ବେଗୁନିଆପଡ଼ା ଥାନା ଅନ୍ତର୍ଗତ ମୁଣ୍ଡୁଳା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ସିଏଚ୍ ଗୋପାଳ ପୃଷ୍ଟିଙ୍କ ଘରୁ ୧୫ ତୋଳା ସୁନା ଓ ନଗଦ ୧ ଲକ୍ଷ ୨୨ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏତେ ପରିମାଣର ସୁନା ଓ ଟଙ୍କା ଲୁଟ୍ ପରେ ଭାଙ୍ଗି ପଡିଛନ୍ତି ଗୋପାଳ ପୃଷ୍ଟି। ଘଟଣାର ତଦନ୍ତ କରି ଚୋରି ସାମଗ୍ରୀ ଉଦ୍ଧାର ପାଇଁ ପୁଲିସ ନିକଟରେ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

# ୯୬ ଜଣଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଦିଗପହଣ୍ଡି,୨୨।୧୨(ସମିସ): ସୋମବାର ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭି . କିର୍ତ୍ତୀ ଭାସନ ଯୋଗଦେଇ ବ୍ଲକ ଅଧିନସ୍ଥ ବିଭିନ୍ନ ଗ୍ରାମର ୯୬ଜଣଙ୍କ ଅଭିଯୋଗ ଶୁଣିଥିଲେ। ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଲୋକ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିସହ ଜିଲ୍ଲାପାଳ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଲାପଟପ୍, ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ଆଶାବାଡ଼ି ପ୍ରଦାନ କରିବା ସହ ୩ ଜଣ ହିତାଧିକାରୀଙ୍କୁ ଦେହ ଅସୁସ୍ଥତା କାରଣରୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଁଏ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ମଙ୍ଗଳବାର ଠାରୁ ଗଞ୍ଜାମ ଜିଲ୍ଲାରେ ଧାନମଣ୍ଡି ଶୁଭାରମ୍ଭ ହେବାକୁ ଥିବାବେଳେ ଏହି ପ୍ରକ୍ରିୟା ଆଗାମୀ ୩ ମାସ ଯାଏଁ ଚାଲୁ ରହିବ ବୋଲି ସେ ଚାଷୀଙ୍କୁ କହିଥିଲେ। ଜନ ଶୁଣାଣି ଚାଲିଥିବା ବେଳେ ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ବାବୁଲିବନ୍ଧ ଗ୍ରାମର ଭୁବୁନି ବେହେରାଙ୍କ ପୁଅ ସନ୍ତୋଷ ବେହେରା(୪୫) ପହଞ୍ଚି ଗତ ୨୦୨୨ ରେ ପଞ୍ଚାୟତ ନିର୍ବାଚନରେ ତାଙ୍କ ଭାଇ ପ୍ରକାଶ ବେହେରାଙ୍କ ସ୍ତ୍ରୀ ରଞ୍ଜୁ ବେହେରା ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢ଼ି ୧୭ ଖଣ୍ଡ ଭୋଟ ବ୍ୟବଧାନରେ ପ୍ରତିପକ୍ଷ ପ୍ରିୟଙ୍କା ନାୟକଙ୍କ ଠାରୁ ପରାଜିତ ହୋଇଥିଲେ। ନିର୍ବାଚନ ସରିବାର ପ୍ରାୟ ୪ ବର୍ଷ ହେଲା ଗ୍ରାମର ଅନୁସୂଚିତ ଜାତିର ସାହି ବାସିନ୍ଦା ରାଜନୈତିକ କାରଣରୁ ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ନିଆଁ ପାଣି ସହ ସାମାଜିକ ବାସନ୍ଦ କରିଥିବା ଜଣାଇଥିଲେ। ଫଳରେ ସେ ଓ ତାଙ୍କ ପରିବାର ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। ତେଣୁ ତାଙ୍କୁ ଇଛା ମୃତ୍ୟୁ ପାଇଁ ଅନୁମତି ଦିଆଯାଉ ବୋଲି ସେ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ତାଙ୍କ କଥା ଶୁଣି ଜିଲ୍ଲାପାଳ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ପରେ ଜିଲ୍ଲାପାଳ ସମସ୍ତ ଘଟଣା ଶୁଣି ସନ୍ତୋଷଙ୍କୁ ଆଶ୍ୱାସନା ଦେଇଥିଲେ। ଉପସ୍ଥିତ ବ୍ରହ୍ମପୁର ଉପ ଜିଲ୍ଲାପାଳ, ଅତିରିକ୍ତ ଏସ.ପି, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ବିଡ଼ିଓ ଅନାମିକା ପାଣ୍ଡେଙ୍କୁ ଘଟଣାର ଅନୁଧ୍ୟାନ କରି ତୁରନ୍ତ ଗାଁକୁ ସ୍ଥାନୀୟ ପୁଲିସ ପ୍ରଶାସନିକ ଅଧିକାରୀ ବୃନ୍ଦ ଯାଇ ସାହିବାସିନ୍ଦାଙ୍କ ସହ ସବିଶେଷ ଆଲୋଚନା କରି ଘଟଣାର ସ୍ଥାୟୀ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ଦିଗପହଣ୍ଡି ବିଡ଼ିଓ ଅନାମିକା ପାଣ୍ଡେ , ତହସିଲଦାର ସନ୍ତୋଷ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମେଶ ଚନ୍ଦ୍ର ସେଠୀ, ଜିପିଡିଓ ରୋଜାଲିନ ଦଳାଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରଶ୍ମୀ ପ୍ରକାଶିନୀ ଜାନୀ, ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରାୟ, ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଓ, କନିଷ୍ଠ ଯନ୍ତ୍ରୀ, ରାଜସ୍ୱ ନୀରିକ୍ଷକ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲା ପରିଷଦ ସଦସ୍ୟ ବୃନ୍ଦ, ବହୁ ସଂଖ୍ୟକ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।




### ଇଚ୍ଛା ମୃତ୍ୟୁ ପାଇଁ ନିବେଦନ କଲେ ଯୁବକ

ବୁଗୁଡ଼ା: ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବି କରଡାବାଡି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ବିଡ଼ିଓ ଦୂତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ଡି ଚାନ୍ଦିନୀ ଆଚାରୀ, ଏବିଡିଓ ଧର୍ମରାଜ ପରିଡା, ତହସିଲଦାର ତାପସ ରାଉତ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଜ୍ୟୋତିରଞ୍ଜନ ସାହୁ, ସିଡିପିଓ ବବିତା ପଣ୍ଡା,ସହକାରୀ ଉଦ୍‌ଯାନ କୃଷି ଅଧିକାରୀ ଏମ୍‌ଓ ଦେବାଶିଷ ଦୋରା, ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଜନ ଶୁଣାଣି ଶିବିରରେ ୪୬ ଅଭିଯୋଗ ଦାଖଲ ହୋଇଥିଲା।

## ଧାନମଣ୍ଡି ଖୋଲିବା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ



ଗଞ୍ଜାମ,୨୨।୧୨(ସମିସ): ଓଡିଶା କୃଷକ ସଭା, କ୍ଷେତ ମଜୁଦୂର ସଂଘ ଏବଂ ସିପିଆଇଏମ୍ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜୟଶ୍ରୀ ଛକଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଗଞ୍ଜାମ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। କେନ୍ଦ୍ର ସରକାର ମନେରଗା ଯୋଜନା ନାମ ପରିବର୍ତ୍ତନ କରି ଭିବି -ଜି -ରାମଜୀ ବିଲ୍ କରାଯାଇଛି କାହିଁକି ବୋଲି ବାମପନ୍ଥୀ ନେତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏଥିସହ ଧାନମଣ୍ଡି ଖୋଲିବା ଦାବିରେ ସିପିଆଇ(ଏମ୍) ଓଡିଶା କୃଷକ ସଭା ଓଡିଶା କ୍ଷେତ ମଜଦୂର ୟୁନିଅନ ପକ୍ଷରୁ ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ୨୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଏକ ପଟୁଆରରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମୁଖରେ ବିକ୍ଷୋଭ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଥଲେ। ସେଭଳି ଧାନମଣ୍ଡି ଖୋଲି ଚାଷୀ, ଭାଗଚାଷୀଙ୍କ ସମସ୍ତ ଧାନ କ୍ରୟ କରିବା, କଟ୍‌ନୀ ଛଟ୍‌ନୀ ବନ୍ଦ କରିବା, ଅଖା ଦେବା, ଧାନ ଉଠାଇବାରେ ଅବହେଳା କରୁଥବା ମିଲରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଓଡିଶା କୃଷକ ସଭା ଓ କ୍ଷେତ ମଜଦୂର ୟୁନିଅନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସ୍ମାରକପତ୍ର କ୍ଷମତାପ୍ରାପ୍ତ ବରିଷ୍ଠ କିରାଣିଙ୍କୁ ପ୍ରଦାନ କରାଯାଇଥିଲା। ପ୍ରତିବାଦ ସଭାରେ ସିପିଆଇ(ଏମ୍) ଆଞ୍ଚଳିକ କମିଟି ସମ୍ପାଦକ ଅଜୟ ଗୌଡ଼ ସଭାପତିତ୍ୱ କରିଥଲେ। ସରପଞ୍ଚ ବୈରାଗୀ ବେହେରା, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ, ରାମଚନ୍ଦ୍ର ନାୟକ, ପୂର୍ବତନ ଜିଲ୍ଲା ପରିଷଦ ତଥା ଓଡିଶା କୃଷକ ସଭା ବରିଷ୍ଠ ସଦସ୍ୟ ପି ହରିକୃଷ୍ଣ ରେଡ୍ଡୀ, ଗୋପାଳକୃଷ୍ଣ ପାଣିଗ୍ରାହୀ, ଯୋଗେଶ ଚନ୍ଦ୍ର ସାହୁ, ଖଲି ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ. ଉଲାଶ ଜେନା, ଧର୍ମରାଜ ସ୍ୱାଇଁ, ପଦ୍ମନାଭ ପ୍ରଧାନ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଅଙ୍ଗନବାଡି ସଂଘର ନୂତନ କର୍ମକର୍ତ୍ତା ଚୟନ

ଖଲ୍ଲିକୋଟ,୨୨।୧୨(ସମିସ): ଖଲ୍ଲିକୋଟ ବ୍ଲକ ଅଙ୍ଗନବାଡି ସଂଘର ନୂତନ କର୍ମକର୍ତ୍ତା ଚୟନ ଆଜି ଅନୁଷ୍ଠିତ ହୋଇଯାଇଛି। ଏନେଇ ସୋମବାର ତାଳପଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବୈଠକରେ ଖଲ୍ଲିକୋଟ ବ୍ଲକ ଅଙ୍ଗନବାଡି ସଂଘର ସଭାପତି ଭାବେ ତାଳପଡ଼ା ସରପଞ୍ଚ ମନୋଜ କୁମାର ସେଠୀଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦକ ଭାବେ କୁମାରୀ ଦାଶ, ଉପସଭାପତି ଭାବେ ସୁଭଦ୍ରା ସେଠୀ ଓ କୋଷାଧ୍ୟକ୍ଷ ଭାବେ ସୁଲତା କୁମାରୀ ସ୍ୱାଇଁଙ୍କୁ ଚୟନ କରାଯାଇଥିବା ଜଣାପଡ଼ିଛି।

# 'ଜିରୋ ହାର୍ମ' ଲକ୍ଷ୍ୟରେ ଟିପିଏସ୍‌ଓଡିଏଲ୍‌ର ପ୍ରଶିକ୍ଷଣ

## ସୁରକ୍ଷିତ ବିଦ୍ୟୁତ୍ ସେବା ଯୋଗାଇବାକୁ ୧୮ କେନ୍ଦ୍ରରେ ୪୨ହଜାରରୁ ଅଧିକ କର୍ମଚାରୀଙ୍କୁ ତାଲିମ

ବ୍ରହ୍ମପୁର,୨୨।୧୨(ସମିସ)



ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ନିଜର ସମସ୍ତ କର୍ମଚାରୀମାନଙ୍କୁ ବର୍ଷତମାମ୍ ସୁରକ୍ଷା ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଜାରି ରଖିଛି। ଉପଭୋକ୍ତାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ସର୍ବଦା ସଜାଗ ରହୁଥିବା କର୍ମଚାରୀମାନଙ୍କୁ ଆହୁରି ଦକ୍ଷ କରିବା ସହ ସୁରକ୍ଷା ଜ୍ଞାନକୌଶଳ ପ୍ରଦାନ କ୍ଷେତ୍ରରେ କମ୍ପାନୀ ନିଜର ପ୍ରତିବଦ୍ଧତାକୁ ଦୋହରାଉଛି। ଏହି ଆଭିମୁଖ୍ୟ ଟିପିଏସ୍‌ଓଡିଏଲର ଜିରୋ ହାର୍ମ ପଲିସିକୁ ପ୍ରୋତ୍ସାହିତ କରିବା ସହ ନିରାପଦ ତଥା ନିର୍ଭରଯୋଗ୍ୟ ବିଜୁଳି କ୍ଷେତ୍ର ସୃଷ୍ଟି କରିବାରେ ସହାୟକ ହେଉଛି। ସମଗ୍ର ଦକ୍ଷିଣ ଓଡ଼ିଶାରେ ୧୬ଟି ଟିଏସ୍‌ଏସଡିଆଇ (ଟିପିଏସ୍‌ଓଡିଏଲ୍ ସୁରକ୍ଷା ଓ ଦକ୍ଷତା ବିକାଶ ପ୍ରତିଷ୍ଠାନ) ଓ ୨ଟି ଅତ୍ୟାଧୁନିକ ଏଚ୍‌ଓଟିଟି(ହ୍ୟାଣ୍ଡ୍ସ ଅନ୍ ଟେକ୍ନିକାଲ୍ ଟ୍ରେନିଂ ସେଣ୍ଟର) କାର୍ଯ୍ୟକ୍ଷମ ରହିଛି। କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଏହା ଏକ ସୁଦୃଢ଼ ତାଲିମ ଇକୋସିଷ୍ଟମ ତିଆରି କରୁଛି। ୨୦୨୫-୨୬, ନଭେମ୍ବର ମାସ ସୁଦ୍ଧା କମ୍ପାନୀର ନିୟମିତ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ମିଶାଇ ସମୁଦାୟ ୪୨,୭୩୫ ଜଣଙ୍କୁ ତାଲିମ ଦିଆଯାଇଛି। ସଂପ୍ରତି ବ୍ରହ୍ମପୁର ଓ ଫୁଲବାଣୀରେ ଏଚ୍‌ଓଟିଟି ସେଣ୍ଟର ରହିଥିବା ବେଳେ ଆଗାମୀ ଦିନରେ ଜୟପୁର ଓ ରାୟଗଡ଼ାରେ ମଧ୍ୟ ଏଚଓଟିଟି ସ୍ଥାପନ କରିବା ନେଇ କମ୍ପାନୀ ଲକ୍ଷ୍ୟ ରଖିଛି। ଟିପିଏସ୍‌ଓଡିଏଲ୍ ସ୍ୱତନ୍ତ୍ର ତାଲିମ ମଡ୍ୟୁଲଗୁଡ଼ିକ କର୍ମଚାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିବା ସହ ସେମାନଙ୍କୁ ଅଧିକ ଦକ୍ଷ ମାନବ ସମ୍ବଳରେ ପରିଣତ କରୁଛି। ବୈଦ୍ୟୁତିକ ନିରାପଦା ସାଙ୍ଗକୁ ବୈଷୟିକ କାର୍ଯ୍ୟକଳାପ, ଆଚରଣଗତ ଦିଗ, ନୈତିକତା ଓ ବ୍ୟାବହାରିକ ଶିକ୍ଷା ଭଳି ବିଷୟକୁ ତାଲିମ ପାଠ୍ୟକ୍ରମରେ ସାମିଲ କରାଯାଇଛି। ସେହିଭଳି ପ୍ରଶିକ୍ଷଣ ଅବଧି ଭିନ୍ନ ଭିନ୍ନ କର୍ମଚାରୀ ଓ ଅଧିକାରୀଙ୍କ ନିମନ୍ତେ ଭିନ୍ନ ଭିନ୍ନ ରଖାଯାଇଛି। ଅଣକୁଶଳୀ, କୁଶଳୀ ଓ ନିୟମିତ କର୍ମଚାରୀମାନଙ୍କଠାରୁ ଆରମ୍ଭ କରି ସୁପରଭାଇଜର ତଥା ଅଧିକାରୀମାନଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ପାଇଁଭିନ୍ନ ଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ଷେତ୍ରର ମଡ୍ୟୁଲ ସେଠାରେ ମହଜୁଦ ରହିଛି। ଅଭିଜ୍ଞ ପ୍ରଶିକ୍ଷକ ଓ ବରିଷ୍ଠ ଅଧିକାରୀମାନେ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ,"ଟିପିଏସ୍‌ଓଡିଏଲରେ ସୁରକ୍ଷା ହେଉଛି ଏକ ଜୀବନଶୈଳୀ। କର୍ମଚାରୀମାନଙ୍କୁ ସଠିକ ତାଲିମ ପ୍ରଦାନ କରି ଆମେ ଉପଭୋକ୍ତାଙ୍କ ନିମନ୍ତେ ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ କ୍ଷେତ୍ର ସୃଷ୍ଟି କରୁଛୁ। ସୁରକ୍ଷା ଓ ଟେକ୍ନୋଲୋଜିର ଏକ ଇକୋସିଷ୍ଟମ ତିଆରି କରି, ଟିପିଏସ୍‌ଓଡିଏଲ୍, ବିଜୁଳି ଯୋଗାଣ କ୍ଷେତ୍ରରେ ଅଧିକ ସୁଦୃଢ଼ ହୋଇପାରିବ ବୋଲି ଆମେ ଆଶା କରୁଛୁ। ଉପଭୋକ୍ତା ଓ କର୍ମଚାରୀଙ୍କ ପାଇଁ ଜିରୋ ହାର୍ମ ପରିବେଶ ସୃଷ୍ଟିକୁ ପ୍ରାଥମିକତା ଦେଇ କମ୍ପାନୀ ନିଜର କାର୍ଯ୍ୟ ଜାରି ରଖିଛି। ଦକ୍ଷିଣ ଓଡ଼ିଶାର ପ୍ରତ୍ୟେକ ଉପଭୋକ୍ତାଙ୍କ ନିମନ୍ତେ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ସୁନିଶ୍ଚିତ କରିବା ନେଇ କମ୍ପାନୀ ପ୍ରତିଶ୍ରୁତିବଦ୍ଧ।

## ବକେୟା ଦରମା ଓ ଛଟେଇ ବିରୋଧରେ ଆନ୍ଦୋଳନ



**କବିସୂର୍ଯ୍ୟନଗର,୨୨।୧୨(ସମିସ):** ଦଶ ମାସର ବକେୟା ଦରମା ପ୍ରଦାନ ଓ ଛଟେଇ ନିଷ୍ପତ୍ତିକୁ ବିରୋଧ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ପରିମଳ କର୍ମଚାରୀ। କବିସୂର୍ଯ୍ୟନଗର ଏନ୍ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିସାରିଲେଣି ସରକାର। ତେବେ ଏଠି ବିକାଶ ତ ଦୂରର କଥା ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନା ଏଠି ବସୁଛି କାଉନ୍ସିଲର ବୈଠକ ନା ଦେଖାମିଳୁଛି ନିର୍ବାହୀ ଅଧିକାରୀ ଓ ଭାରପ୍ରାପ୍ତ ଅଧକ୍ଷଙ୍କର। ଲୋକଙ୍କୁ ମିଳୁନି ମୌଳିକ ସୁବିଧା। ସୋମବାର ପୂର୍ବାହ୍ନରେ ସମସ୍ତ ଅସ୍ଥାୟୀ ପରିମଳ କର୍ମଚାରୀ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରେ ବସିଛନ୍ତି। ୧୦ ମାସର ବକେୟା ପ୍ରଦାନ ଓ ୩୦ଜଣ ପରିମଳ କର୍ମଚାରୀଙ୍କୁ ଛଟେଇ ପ୍ରତ୍ୟାହାର ଦାବି ରହିଛି। ପୂର୍ବରୁ ମୋଟ ୬୨ ଜଣ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ନୂତନ ଭାବେ ୧୦ ଜଣ ଯୋଗ ଦେଇଛନ୍ତି। ବର୍ତ୍ତମାନ ନୂତନ ଭାବେ ଟେଣ୍ଡର ନେଇଥିବା ମହାଦେବ ସଂସ୍ଥା ୯୫ ଜଣ ନିଯୁକ୍ତି ପାଇଁ ଚୁକ୍ତି କରିଥିଲେ ସୁଦ୍ଧା ୩୦ ଜଣ ଛଟେଇ କରିବା ସେମାନଙ୍କ ଜୀବନଜୀବିକା ବୁଡିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯଦି କର୍ମଚାରୀଙ୍କ ସମସ୍ୟା ନ ସୁଧୁରେ ତେବେ ରାଜରାସ୍ତାକୁ ଓହ୍ଲାଇବା ନେଇ କଡ଼ା ଚେତାବନୀ ଶୁଣାଇଛନ୍ତି। ଅନ୍ୟପଟେ ଭାରପ୍ରାପ୍ତ ଅଧକ୍ଷ, ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏନେଇ ବିଭାଗୀୟ ଅଧିକାରୀ ମନୋଜ କୁମାର ଦତ୍ତ କହିଛନ୍ତି ଆନ୍ଦୋଳନରତ କର୍ମଚାରୀଙ୍କ ମାଷ୍ଟର ରୋଲ ସାଇନ୍ ହୋଇନି, ଆବସେଣ୍ଟ ଷ୍ଟେଟମେଣ୍ଟ ନାହିଁ, ଇଏସ୍ଆଇ ଦେଇନାହାନ୍ତି ଏଣୁ ସମସ୍ତ କାଗଜପତ୍ର ସବ୍‌ମିଟ କଲେ, ଅପଡେଟ ହେଲେ ଦରମା ଦିଆଯିବ।

## ଚକ୍ଷୁ ଚିକିତ୍ସାଳୟ ଯାଇ ବୃଦ୍ଧ ନିଖୋଜ ଘଟଣା

# ଥାନା ଘେରିଲେ ଆଦିବାସୀ ଗୋଷ୍ଠୀ

**କୋଦଲା,୨୨।୧୨(ସମିସ)**



ନଭେମ୍ବର ୭ରେ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଗୋଇଲୁଣ୍ଡି ସନ୍ ଆଇ କେୟାର ହସ୍ପିଟାଲ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ସୋରଡାପଲ୍ଲୀ ରାଇଘର ଗାଁର ମଧୁ ଶବରଙ୍କୁ ଅଧିକ ଚିକିତ୍ସା ପାଇଁ ଗୋଇଲୁଣ୍ଡି ହସ୍ପିଟାଲକୁ ସଂପୃକ୍ତ ସଂସ୍ଥା ନେଇଥିଲେ। ଉକ୍ତ ହସ୍ପିଟାଲକୁ ରାଇପଡ଼ାର ୩ ରୋଗୀ ଯାଇଥିଲେ ଏବଂ ଫେରିଥିଲେ ୨ ଜଣ। ସେହିଦିନ ଅପରାହ୍ନରେ ହିଁ ହଠାତ୍ ସେହି ହସ୍ପିଟାଲରୁ ନିଖୋଜ ହୋଇଗଲେ ମଧୁ। ଏହାପରେ ମଧୁଙ୍କ ପରିବାର ଲୋକେ ବେଗୁନିଆପଡ଼ା ଥାନାରେ ଅଭିଯୋଗ କରିବାକୁ ଆସିଥିଲେ। ଘଟଣା ବ୍ରହ୍ମପୁର ଅଞ୍ଚଳର ହୋଇଥିବାରୁ ପରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଏତଲା ଦିଆଯାଇଥିଲା। ମାମଲାକୁ ନେଇ ବୈଦ୍ୟନାଥପୁର ଥାନା ପୁଲିସ ପକ୍ଷରୁ ବେଗୁନିଆପଡ଼ା ଥାନାକୁ ଅନୁସନ୍ଧାନ ପାଇଁ କୁହାଯାଇଥିଲା। ଘଟଣାକୁ ନେଇ ଏସ୍‌ପିଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ ନିଖୋଜ ବ୍ୟକ୍ତିଙ୍କ ପରିବାର। ତେବେ ଦୀର୍ଘ ଦେଢମାସ ପରେ ବି ମଧୁଙ୍କ ପତ୍ତା ମିଳୁ ନଥିବାରୁ ଏହା ପଛରେ ବଡ଼ ରହସ୍ୟ ଥିବା ସନ୍ଦେହ କରିଛନ୍ତି ପରିବାର ଲୋକେ। ସୋମବାର ବେଗୁନିଆପଡ଼ା ସିଦ୍ଧେଶ୍ୱର ମନ୍ଦିର ଠାରେ ଶତାଧିକ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକ ଶୋଭାଯାତ୍ରାରେ ଆସି ବେଗୁନିଆପଡ଼ା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିଖୋଜ ମଧୁଙ୍କୁ ତୁରନ୍ତ ଖୋଜିବା, ବ୍ରହ୍ମପୁର ଗୋଇଲୁଣ୍ଡି ଅଞ୍ଚଳର ସନ୍ ଆଇ କେୟାର ହସ୍ପିଟାଲ ବିରୋଧରେ ମାମଲା ରୁଜୁ କରିବା ନେଇ ଏକ ଦାବିପତ୍ର ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ମିତ ସଂଗଠନ, ଭିଟାମାଟି ସୁରକ୍ଷା ଅଭିଯାନ, ଋଷିକୁଲ୍ୟା ରୟତ ମହାସଭାର ସଦସ୍ୟ ସୌରୀ ଶବର, କୃଷକ ତଥା ଆଦିବାସୀ ନେତା ବିଜୟ ସ୍ୱାଇଁ, ଯୋହନ ସ୍ୱାଇଁ, ଜୟନ୍ତୀ ଶବର, ସୁକାନ୍ତି ଶବର, ଶଙ୍କର ଶବର, ରାଜୁ ଶବର, ଜଗବନ୍ଧୁ ଶବର ପ୍ରମୁଖ ନେତୃତ୍ୱ ନେଇଥିଲେ।

### ସନ୍ ଆଇ କେୟାର ହସ୍ପିଟାଲ ବିରୋଧରେ ମାମଲା ରୁଜୁ ଦାବି

## ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

**ପୋଲସରା,୨୨।୧୨(ସମିସ):** ପୋଲସରା ବ୍ଲକ ଖଣ୍ଡୁରୁ ପଞ୍ଚାୟତରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବାବେଳେ ୧୦ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ପୋଲସରା ତହସିଲଦାର ଦୀପ୍ତିମୟୀ ପାତ୍ର, ଏବିଡିଓ ସୋନମ୍ ବେହେରା, ବ୍ଲକ ପଶୁ ଚିକିତ୍ସା ଅଧିକାରୀ ଭକ୍ତ ଚରଣ ଦଳାଇ, ଥାନାଧିକାରୀ କୌଶିକ ମାଝୀ, ସିଡିପିଓ ତିଲୋତ୍ତମା ରାଉତ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ସରପଞ୍ଚ ସରିତା ପଣ୍ଡା, ଖାଦ୍ୟଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୋଛନାରାଣୀ ଦେହୁରୀ, ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରୁପ ତ୍ରୀପାଠୀ, ବ୍ଲକ ଯନ୍ତ୍ରୀ ରାମକୃଷ୍ଣ ସବର, ଗ୍ରାମ୍ୟ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜିବ ପାତ୍ର, କ୍ଷୁଦ୍ର ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ସନୁଜ୍ କୁମାର, ଯନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ସେଠି କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଜନଶୁଣାଣି ଅଧିକାରୀ ଲିପ୍ସା ରାଣୀ ଭଞ୍ଜ, ଏଡିଓ ସନ୍ତୋଷିନୀ ସାହୁଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଓଷ୍ଟାର ଗଞ୍ଜାମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ




**ଭଞ୍ଜନଗର,୨୨।୧୨(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତରଫରୁ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ସଭାପତି ସନ୍ତୋଷ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ ଉଦଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ କୃତିବାସ ବିଶ୍ୱାଳ, ଅତିଥିଭାବେ ନିମ୍ନ ମାଧମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ପ୍ରଧାନ ଶିକ୍ଷକ ମଦନମୋହନ ରଥ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ଼. ବିଜୟ ଚନ୍ଦ୍ର ମହାରଣା, ରାମଚନ୍ଦ୍ର ପୋଲେଇ, ଆଲୋଷ୍ଟା ଉପଦେଷ୍ଟା ଅମର ବିଳାସ ବେହେରା, ହିମାଂଶୁ କୁମାର ପଟ୍ଟନାୟକ, ଭିକାରୀ ଚରଣ ଗୌଡ଼ ଯୋଗ ଦେଇଥିଲେ। ସମ୍ପାଦକ ବିଜୟ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଦ୍ୟୁମ୍ନ କୁମାର ନାୟକ, ବିଶିଷ୍ଟ ଅତିଥି ଭାବେ ନଗରପାଳ ଗୋପବନ୍ଧୁ ମହାପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରଫେସର କୃତିବାସ ବିଶ୍ୱାଳ, ଆଲୋଷ୍ଟ ମୁଖ୍ୟଉପଦେଷ୍ଟା ଜଗବନ୍ଧୁ ଜେନା, ଓଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ପ୍ରକାଶ ଚନ୍ଦ୍ର ମହାନ୍ତି, ଆଲୋଷ୍ଟା ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ପ୍ରାକ୍ତନ କୋଷାଧକ୍ଷ କାମରାଜୁ ମହାରଣା, ପ୍ରଧାନ ଶିକ୍ଷକ ମଦନମୋହନ ରଥ, ଓଷ୍ଟା ରାଜ୍ୟ ପ୍ରତିନିଧି ଡ. ବିଜୟ ଚନ୍ଦ୍ର ମହାରଣା, ରାମ ଚନ୍ଦ୍ର ପୋଲାଇ, ଶିକ୍ଷାବିତ ରାଜ କୁମାର ସାହୁ, ଭିକାରୀ ଚରଣ ଗୌଡ଼, ହିମାଂଶୁ ପଟ୍ଟନାୟକ, ସୁଧୀର କୁମାର ସେଠୀ, ପିତାମ୍ବର ପାଢ଼ୀ, ନୀଳାମ୍ବର ପଟ୍ଟନାୟକ, ଅଶୋକ କୁମାର ହୋତା ସଂମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ସମ୍ପାଦକ ବିଜୟ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ପୋଡ଼ାମାରୀ କଲେଜର ବାର୍ଷିକ ଉତ୍ସବ




**ସାନଖେମୁଣ୍ଡି,୨୨।୧୨(ସମିସ):** ସାନଖେମୁଣ୍ଡି ବ୍ଲକ ଅଧୀନ ପୋଡାମାରୀ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆସିକା ଲୋକସଭା ସଦସ୍ୟା ଅନିତା ଶୁଭଦର୍ଶିନୀ, ସମ୍ମାନିତ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସୀମାଞ୍ଚଳ ପାତ୍ର, ଘୁମୁସର ଜିଲ୍ଲା ବିଜେପି ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ପୋଡାମାରୀ ସରପଞ୍ଚ ସନ୍ତୋଷ ବିଷୋୟୀ, ସମିତିସଭ୍ୟ ପ୍ରତିନିଧି ରାମେଶ୍ୱର ପାତ୍ର, ଚୈତନ୍ୟ ମଠ ମହନ୍ତ ବାଲମୁକୁନ୍ଦ ଦାସ ବାବାଜୀ, ପୂର୍ବତନ ସମ୍ପାଦକ ଚନ୍ଦ୍ରଧ୍ୱଜ ସିଂଙ୍କ ସହ ଏମ୍‌ପିଙ୍କ ପ୍ରତିନିଧି ଯଜ୍ଞ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ଯୋଗଦେଇ ସଂଗୀତ ମାଧମରେ ଜୀବନର ସକରାତ୍ମକ ଚିନ୍ତାଧାରାକୁ କେମିତି ଆଗକୁ ନେବେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଂରାଜୀ ଅଧାପକ ଦୁର୍ଯ୍ୟୋଧନ ଜେନା ଅତିଥି ପରିଚୟ ସହ ମଞ୍ଚ ସଂଯୋଜନା କରିଥିଲେ। ଅଧକ୍ଷ ଶ୍ରୀ ପାତ୍ର ବାର୍ଷିକ ବିବରଣୀ ପଠନ କରିବା ସହ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

## ପୂର୍ବତନ ସରକାରୀ ଓକିଲଙ୍କ ବିୟୋଗ

**ଜଗନ୍ନାଥପ୍ରସାଦ,୨୨।୧୨(ସମିସ):** ଜଗନ୍ନାଥପ୍ରସାଦ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବାର ଆସୋସିଏସନର ବରିଷ୍ଠ ଓକିଲ ସନ୍ତୋଷ କୁମାର ଶତପଥୀ (୬୦)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି। ରବିବାର ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର ବେଳେ ଗ୍ରାମ ନିକଟ ଚଢ଼ିଆପଲ୍ଲୀ ଠାରୁ ପୁଣି ଜଗନ୍ନାଥପ୍ରସାଦ ମେଡିକାଲକୁ ଅଣାଯାଇଥିଲା। ତେବେ ଭୋରରେ ତାଙ୍କ ମୃତ୍ୟୁ ଘଟିଥିଲା। ସନ୍ତୋଷ ୨୦ବର୍ଷ ଧରି ଭଞ୍ଜନଗର କୋର୍ଟର ସରକାରୀ ଓକିଲ ଥିବାବେଳେ ବର୍ତ୍ତମାନ ଜଗନ୍ନାଥପ୍ରସାଦ କୋର୍ଟରେ ନୋଟାରି ଭାବେ କାର୍ଯ୍ୟ କରୁଥିଲେ। ଖବର ପାଇ ସ୍ଥାନୀୟ ଓକିଲ ସଙ୍ଘର ସମସ୍ତ ସଭ୍ୟ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ବିଜୟଲକ୍ଷ୍ମୀ ନନ୍ଦ, ବଡ଼ଝିଅ ସିପ୍ରା ଶତପଥୀ, ସାନଝିଅ ଶୁଚିସ୍ମିତା ଶତପଥୀ, ସାନଭାଇ ସୁଶାନ୍ତ କୁମାର ଶତପଥୀ, ଭଣଜା ଭାଣିଜୀ ଏବଂ ସପରିବାର ଉପସ୍ଥିତ ଥିଲେ।



## ନିରଞ୍ଜନ ମେମୋରିଆଲ ଟ୍ରଷ୍ଟର ବୈଠକ



**ପୋଲସରା,୨୨।୧୨(ସମିସ):** ପୋଲସରା ଅବନ୍ତୀନଗର ସ୍ଥିତ ନିରଞ୍ଜନ ପ୍ରଧାନ ମେମୋରିଆଲ ଚେରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ଦୀପକ କୁମାର ପ୍ରଧାନଙ୍କ ଅଧକ୍ଷତାରେ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ପବିତ୍ର କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥି ସହିତ ଟ୍ରଷ୍ଟ ପକ୍ଷରୁ ପୋଲସରା ବ୍ଲକ ଅନ୍ତର୍ଗତ ଜୋକବନ୍ଧ ଗ୍ରାମର କର୍କଟ ରୋଗରେ ପୀଡିତ ଛାତ୍ର ଶୁଭ୍ରାଂଶୁ ଦାସଙ୍କ ଚିକିତ୍ସା ନିମନ୍ତେ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଶୁଭ୍ରାଂଶୁଙ୍କ ମାତା ଗତ ଦୁଇ ମାସ ତଳେ କର୍କଟ ରୋଗରେ ମୃତ୍ୟୁବରଣ କରିଥିଲେ। ସେହିପରି ଚିରିକିପଡା ଶାସନ ନିବାସୀ ସହିଦ ବିଏସଏଫ୍ ଯବାନ ବାଲୁଙ୍କେଶ୍ୱର ସାହୁ ପରିବାରକୁ ମିଶି ସମବେଦନା ଜଣାଇବା ସହ ସ୍ୱର୍ଗତ ଯବାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଶ୍ରାଦ୍ଧବାର୍ଷିକୀ ପାଳନ ଦାୟିତ୍ୱ ଟ୍ରଷ୍ଟ ପକ୍ଷରୁ ବହନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। କାର୍ଯ୍ୟକ୍ରମରେ ସର୍ବଶ୍ରୀ ପ୍ରଶାନ୍ତ ଦାଶ, ଆଇନଜୀବୀ ବ୍ରଜବନ୍ଧୁ ଦଳବେହେରା, ପ୍ରତିମା ସାହୁ, ବଳରାମ ପ୍ରଧାନ, ସନ୍ତୋଷ ବେହେରା, ନିକୁଞ୍ଜ ସାହୁ, ଜୟନ୍ତ ସାହୁ, ବିଜୁଳି ପ୍ରଧାନ, ପ୍ରମୋଦ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ସୁବ୍ରତ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ସହସମ୍ପାଦକ ସନ୍ତୋଷ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ● ଖଲ୍ଲିକୋଟ ଏନ୍ଏସିରେ ହାଇଡ୍ରାମା

## ଉନ୍ନୟନ କାର୍ଯ୍ୟକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା

**ଖଲ୍ଲିକୋଟ,୨୨।୧୨(ସମିସ):** ଖଲ୍ଲିକୋଟ ଏନ୍ଏସିରେ ହାଇଡ୍ରାମା ଦେଖିବାକୁ ମିଳିଛି। ଏନଏସିରେ ଗତ ଦୁଇ ବର୍ଷ ହେଲା ଉନ୍ନୟନମୂଳକ କାର୍ଯ୍ୟ ପ୍ରାୟ ଠପ୍ ହୋଇଯାଇଥିଲା। ଗତ ୧୦ ତାରିଖରେ ଏନ୍ଏସିରେ ପ୍ରାୟ ଅଢେଇ କୋଟି ଟଙ୍କା ବ୍ୟୟରେ ୭୩ଟି ଉନ୍ନୟନ ମୂଳକ କାର୍ଯ୍ୟ ହେବା ନେଇ ଟେଣ୍ଡର ପାଇଁ ଆହ୍ୱାନ କରାଯାଇଥିଲା। ୧୮ ତାରିଖରେ ଟେଣ୍ଡର ସିଲ୍ ଖୋଲା ଯାଇ ଠିକାଦାର ଚୟନ କରାଯାଇଥିଲା। କିନ୍ତୁ ଏହା ପରେ ସେହିଦିନ ହିଁ ଗୋଟିଏ ଗୋଷ୍ଠୀ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ପଶି ପାଟିତୁଣ୍ଡ କରିବା ସହିତ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ବାତିଲ ପାଇଁ ଦାବି କରିଥିଲେ। ଅନ୍ୟପକ୍ଷରେ ଟେଣ୍ଡରରେ କାମ ପାଇଥିବା ଗୋଷ୍ଠୀ ଆଜି ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସେମାନଙ୍କୁ ଶୀଘ୍ର କାର୍ଯ୍ୟାଦେଶ ପ୍ରଦାନ କରିବାକୁ ଦାବି କରିଥିଲେ। ଏନ୍ଏସିରେ ହେବାକୁ ଥିବା ଉନ୍ନତିକୁ ବିରୋଧ କରୁଥିବା ଗୋଷ୍ଠୀକୁ ଦୃଢ଼ ନିନ୍ଦା କରିବା ସହିତ ସେମାନଙ୍କୁ ଯଥାଶୀଘ୍ର କାର୍ଯ୍ୟାଦେଶ ପ୍ରଦାନ କଲେ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ଆରମ୍ଭ ହୋଇ ପାରିବ ବୋଲି କହିଛନ୍ତି। ଏନେଇ ଏନ୍ଏସି ନିର୍ବାହୀ ଅଧିକାରୀ ସନ୍ଦୀପ ଖାଡ଼ଙ୍ଗା ଓ ଏନ୍ଏସି ଅଧକ୍ଷ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ସରକାରଙ୍କ ନିୟମ ମୁତାବକ ଟେଣ୍ଡର ଶେଷ ହୋଇଛି। ଗତ ୧୦ରେ ଟେଣ୍ଡର ସମ୍ପର୍କିତ ନୋଟିସ୍ ଏନ୍ଏସି କାର୍ଯ୍ୟାଳୟ ନୋଟିସ ବୋର୍ଡ ସମେତ ସମସ୍ତ ପ୍ରମୁଖ କାର୍ଯ୍ୟାଳୟ ମାନଙ୍କରେ ଲଟ୍‌କା ଯାଇଥିଲା ଏବଂ ୧୮ ତାରିଖରେ ସମସ୍ତଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲା ଯାଇଥିଲା। ତେଣୁ ସେମାନେ ଟେଣ୍ଡର ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇ ନଥିବା କହିବା ସହିତ ଏ ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି। ତେବେ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟିକୁ ନାପସନ୍ଦ କରିଛନ୍ତି ସାଧାରଣ ଲୋକେ।



## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




**ପୋଲସରା,୨୨।୧୨(ସମିସ):** ପୋଲସରା ସରସ୍ୱତୀ ଶିଶୁ ମନ୍ଦିରରର ଷଡ଼ବିଂଶ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଅଧକ୍ଷ ଯଦୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଦୁର୍ଗା ପ୍ରସାଦ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭ ଦର୍ଶିନି ପଟ୍ଟନାୟକ ଯୋଗଦେଇ ଆମେ ଭାରତୀୟ ସଂସ୍କୃତି ଓ ମାଟିକୁ ଭଲ ପାଇବା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରଦୀପ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରୀତା ମହରଣା ସଂଯୋଜନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## 'ବିଭି ଜି ରାମ୍‌ଜି' ବିଲ୍ ପ୍ରତ୍ୟାହାର ଦାବିରେ କଂଗ୍ରେସର ସ୍ମାରକପତ୍ର

**ଭଞ୍ଜନଗର,୨୨।୧୨(ସମିସ):** କଂଗ୍ରେସ ଶାସନ ସମୟରେ ଆରମ୍ଭ ହୋଇଥିବା ମନରେଗା ଯୋଜନାର ନାମ ପରିବର୍ତ୍ତନ କରି କେନ୍ଦ୍ର ବିଜେପି ସରକାର ସଂସଦରେ ଗୃହିତ କରାଇ ନେବା ଘଟଣାକୁ ଜାତୀୟ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ନିନ୍ଦା କରାଯାଇଛି। ସୋମବାର ଭଞ୍ଜନଗର ଠାରେ ଗଞ୍ଜାମ (ପଶ୍ଚିମ) ଜିଲ୍ଲା ପକ୍ଷରୁ ଆୟୋଜିତ ବିକ୍ଷୋଭରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦଳ ପକ୍ଷରୁ ଭଞ୍ଜନଗର ଯୁବନେତା କୁଲୁ ଭୂୟାଁଙ୍କ ନେତୃତ୍ୱରେ ଶହ ଶହ ସମର୍ଥକ ବିଧାୟକ ଜେନାଙ୍କୁ ବିଜୁ ପଟ୍ଟନାୟକ ବାଇପାସ୍ ଛକରୁ ସ୍ୱାଗତ କରିଥିଲେ। ସେଠାରୁ ଏକ ପ୍ରତିନିଧି ମଣ୍ଡଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ଉପଜିଲ୍ଲପାଳ ପ୍ରଧାନ ତୁଲିଆମ୍ମାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗଞ୍ଜାମ (ପଶ୍ଚିମ) ର ପୂର୍ବ ସଭାପତି ଦେବକାନ୍ତ ଶର୍ମା, ସୋରଡାର କଂଗ୍ରେସ ପ୍ରାର୍ଥୀ ହରିକୃଷ୍ଣ ରଥ, ଆସିକାର ସୁରଭି ବିଷୋୟୀ, ବେଲଗୁଣ୍ଠାରୁ ଦେବେନ୍ଦ୍ର ଗୌଡ଼, ଖଲିକୋଟରୁ ଚିତ୍ରସେନ ବେହେରା, କବିସୂର୍ଯ୍ୟନଗରର ଚିରଞ୍ଜିବୀ ବିଷୋୟୀ, ହିଞ୍ଜିଳିକାଟୁରୁ ଶିବ ପ୍ରଧାନ ପ୍ରମୁଖ ସେମାନଙ୍କ ସମର୍ଥକଙ୍କ ସହ ସାମିଲ ହୋଇଥିଲେ।



# ମରଣଯନ୍ତା ପାଲଟିଛି କନିଷି-ରଙ୍ଗିପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ

**ରଙ୍ଗେଇଲୁଣ୍ଡା,୨୨।୧୨(ସମିସ)**



ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନସ୍ଥ କନିଷି ତହସଲିଠାରୁ ରଙ୍ଗିପୁର ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ୪ରୁ ୫ଗ୍ରାମବାସୀ ନିର୍ଭର କରନ୍ତି। କିନ୍ତୁ ପ୍ରତିଦିନ ଯାତାୟାତ ବେଳେ ନାନା ହଇରାଣ ହେଉଛନ୍ତି। ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣାର ମଧ ଶିକାର ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀ ସ୍କୁଲକୁ ଯାଉଥିବା ବେଳେ ନିକଟସ୍ଥ ଗ୍ରାମବାସୀଙ୍କ ଏହା ମୁଖ୍ୟ ରାସ୍ତା। ତେବେ ଗତ ତିନିବର୍ଷରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ିରହିଛି। ଏନେଇ ବାରମ୍ବାର ଗ୍ରାମ୍ୟ ନିର୍ମାଣ ବିଭାଗ ଗଞ୍ଜାମ-୨ରେ ଲୋକେ ଅଭିଯୋଗ କଲେ ମଧ କୌଣସି ପ୍ରକାର ସୁଫଳ ମିଳୁନି। ବିଭାଗ ନିରବ ସାଜି ଲୋକଙ୍କୁ ମରଣମୁହଁକୁ ଠେଲିଦେବାକୁ ପଛାଉ ନଥିବା ନେଇ କଡ଼ା ନିନ୍ଦା ପ୍ରକାଶ ପାଇଛି। ଏହି ରାସ୍ତା ଗତ ୨୦୨୨ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ କାମ ୨୦୨୨ ଡ଼ିସେମ୍ବରରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ୧୪୪.୨୪ଲକ୍ଷ ବିନିୟମରେ ଏହାର ନିର୍ମାଣ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଆଜକୁ ତିନିବର୍ଷ ବିତି ଯାଇଥିଲେ ମଧ ଏହି କାମ ମାତ୍ର ୨୦ରୁ ୩୦ ଶତକଡ଼ା ହୋଇଛି। ରାସ୍ତା କଡ଼ରେ ବଡ଼ ବଡ଼ ମେଟାଲ୍ ପଡ଼ିଛି। ସମ୍ପୂର୍ଣ୍ଣ ରାସ୍ତା ଧୂଳି ଧୂସରରେ ଭର୍ତ୍ତି ହୋଇଯାଉଛି। ଏହି ରାସ୍ତା ଦେଇ ଯାତାୟତ କଲା ବେଳେ ପ୍ରଦୂଷଣର ମଧ ଶିକାର ହେଉଛନ୍ତି। ସେହିଭଳି କିଛି ସ୍ଥାନରେ ପିଚୁ ପଡ଼ିଥିବା ବେଳେ ତାହା ମଧ ଉପୁଡ଼ିଯାଇଛି। ଏହା ନିମ୍ନ ମାନର କାମ ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ସମସ୍ୟା ନେଇ ସ୍ଥାନୀୟ ବାସିନ୍ଦା ବ୍ରହ୍ମପୁର ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ସାଂସଦ ବିଭାଗକୁ ମଧ ତୁରନ୍ତ କାମ କରିବାକୁ କହିଥିଲେ ହେଁ କାମ ଆଗେଇବାର ନା ଗନ୍ଧ ଧରୁନି। ଫଳରେ ସେଠାକାର ବାସିନ୍ଦାଙ୍କ ମନରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏପରିକି ଗତ ପଞ୍ଚାୟତ ସମିତିରେ ମଧ ଏନେଇ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ପାଦ ମଧ କାମ ଆଗଉନି। ଏନେଇ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ କିଛିଦିନ ମଧ୍ୟରେ କାମ ଆରମ୍ଭ ହେବ ବୋଲି ସେ କହିଥିଲେ।

**● ଅଭିଯୋଗ ସତ୍ତ୍ୱେ ନିରବଦ୍ରଷ୍ଟା ବିଭାଗ**

**● ୩ ବର୍ଷରେ ତିନିପାଦ ଆଗେଇନି କାମ**

## ମନରେଗାର ବିକୃତ ନାମକରଣ ବିରୋଧରେ ବିକ୍ଷୋଭ




**ଛତ୍ରପୁର,୨୨।୧୨(ସମିସ):** ମନରେଗା ଯୋଜନାର ନୂଆ ନାମକରଣ କରି ସେଥିରୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନାମକୁ ବାଦ ଦେବାକୁ ବିରୋଧ କରି କଂଗ୍ରେସ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସର ଜିଲ୍ଲା ସଭାପତି( ପୂର୍ବ) ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପାଳପୁର ପୂର୍ବତନ ବିଧାୟକ ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଡ଼ଃ ତ୍ରିନାଥ ବେହେରା, ଦିଗପହଣ୍ଡିର କଂଗ୍ରେସ ନେତା ସାକା ସୁଜିତ, ସୋରଡାର କଂଗ୍ରେସ ନେତା ପ୍ରଶାନ୍ତ ବିଶୋଇ, ସଞ୍ଜୟ ମଣ୍ଡଳ, ଭୋକାଲି ସେଠି, ସଞ୍ଜୟ ମଣ୍ଡଳ, ଅଗସ୍ତି ବରାଡ଼, ରଜନୀକାନ୍ତ ପାଢ଼ୀ, ଜିଲ୍ଲା କଂଗ୍ରେସ ଉପସଭାପତି ଅଶୋକ ପଟ୍ଟନାୟକ, ମହେଶ୍ୱର ପାତ୍ର, ସୁଦାମ ପୁରୋହିତ, ରାମା ରାଓ, ଶଙ୍କର ସୁବୁଦ୍ଧି, ନାରୀ ନେତ୍ରୀ ସୁବାସିନୀ ପଟ୍ଟନାୟକ, ଇଜୁ ଆମିନ ଖାନ, ଉମାକାନ୍ତ ଶାସମଲ ଓ କବିର ସାବତ ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏନେଇ ଏକ ଦାବିପତ୍ର ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କୁ ପ୍ରଦାନ କରିଛନ୍ତି।

